# NATIONAL NEWS BULLETIN (ODIA)
## 14th August - 2024
## Evening Bulletin : 8.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ସମ୍ବୋଧନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

— ୨୦୨୧ରୁ ୨୦୨୪ ମଧ୍ୟରେ ୮ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ଭାରତ ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ବୃହତ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଛି, କହିଲେ ରାଷ୍ଟ୍ରପତି ।

- ୭୮ତମ ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାରେ ଆସନ୍ତାକାଲି ଜାତୀୟ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ସ୍ୱାଧୀନତା ଦିବସ ଅବସରରେ ଉଲ୍ଲେଖନୀୟ ସେବା ଲାଗି ୧ ହଜାର ୩୭ ଜଣ କର୍ମଚାରୀଙ୍କୁ ସାହସିକତା ଓ ସେବା ପଦକ ପ୍ରଦାନ ।

ଏବଂ

- ଓଡ଼ିଶା ସମେତ ୯ଟି ରାଜ୍ୟର ୧୨ଟି ଆସନରେ ରାଜ୍ୟସଭା ନିର୍ବାଚନ ଲାଗି ପ୍ରକାଶ ପାଇଲା ବିଜ୍ଞପ୍ତି ।

## ପ୍ରେସ୍ - ଆଡ୍ରେସ୍

୭୮ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଆକାଶବାଣୀରେ ଆଜି ରାତି ସାଢ଼େ ୯ଟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରିତ ହେବ ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ୭୮ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଦେଶ ପ୍ରସ୍ତୁତ ହେଉଥିବାରୁ ସେ ଆନନ୍ଦ ପ୍ରକାଶ କରିଛନ୍ତି । ୧୪୦ କୋଟି ସାଥୀ ଭାରତୀୟଙ୍କ ସହ ଆମ ମହାନ୍ ରାଷ୍ଟ୍ରର ଅଂଶ ହେବାର ଏହା ଏକ ପ୍ରକାଶ ବୋଲି ସେ କହିଛନ୍ତି । ସେ କହିଛନ୍ତି, ଯେମିତି ଆମେ ଆମ ପରିବାର ସହ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାଉ, ସେହିଭଳି ଆମେ ସ୍ୱାଧୀନତା ଦିବସ ଏବଂ ଗଣତନ୍ତ୍ର ଦିବସକୁ ଆମ ପରିବାର ସହ ପାଳନ କରୁ, ଯେଉଁଥିରେ ଆମ ସାଥୀ ନାଗରିକ ମାନେ ମଧ୍ୟ ସାମିଲ୍ ଥାଆନ୍ତି ।

ରାଷ୍ଟ୍ରଭକ୍ତି ଓ ବୀରତ୍ୱରେ ପରିପୂର୍ଣ୍ଣ ଦେଶପ୍ରେମୀମାନେ ସାହସିକତାର ସହର ବହୁ ବିପଦର ସାମ୍ନା କରି ସର୍ବୋଚ୍ଚ ବଳିଦାନ ଦେଇଥିଲେ ବୋଲି ସେ କହିଛନ୍ତି । ସେମାନଙ୍କର ଅକ୍ଲାନ୍ତ ଓ ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ଶତାବ୍ଦୀ ଶତାବ୍ଦୀ ଧରି ସୁପ୍ତ ରହିଥିବା ଭାରତର ଆତ୍ମା ଜାଗ୍ରତ ହୋଇଥିଲା ବୋଲି ସେ ଅଭିହିତ କରିଛନ୍ତି । ତାଙ୍କ ସମ୍ବୋଧନରେ ଶ୍ରୀମତୀ ମୁର୍ମୁ ସର୍ଦ୍ଦାର ପଟେଲ୍, ନେତାଜୀ ସୁଭାଷ ବୋଷ୍, ବାବାସାହେବ ଆମ୍ବେଦ୍କରଙ୍କ ସମେତ ଭଗତ୍ ସିଂହ ଏବଂ ଚନ୍ଦ୍ରଶେଖର ଆଜାଦ୍ଙ୍କ ଭଳି ଜନନାୟକଙ୍କ ସ୍ମୃତିଚାରଣ କରିଛନ୍ତି । ତିଲ୍କା ମାଝୀ, ବିର୍ସା ମୁଣ୍ଡା, ଲକ୍ଷ୍ମଣ ନାଏକ, ଫୁଲୋ ଝାନୋଙ୍କ ଭଳି ଆଦିବାସୀ ସମ୍ପ୍ରଦାୟର ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ କଥା ରାଷ୍ଟ୍ରପତି କହିଛନ୍ତି । ଭଗବାନ୍ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଆମେ ଜନଜାତୀୟ ଗୌରବ ଦିବସ ଭାବେ ପାନଳ କରିବା ଆରମ୍ଭ କରିଛୁ ବୋଲି ସେ କହିଛନ୍ତି ।

୨୦୨୧ରୁ ୨୦୨୪ ମଧ୍ୟରେ ୮ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ଭାରତ ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଥିବା ରାଷ୍ଟ୍ରପତି କହିଛନ୍ତି । ଏହାଦ୍ୱାରା କେବଳ ଲୋକଙ୍କ ପାଖରେ ଅଧିକ ଅର୍ଥ ପହଞ୍ଚି ନାହିଁ; ବରଂ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ସଂଖ୍ୟା ବହୁମାତ୍ରାରେ ହ୍ରାସ ପାଇଛି ।

ସେ କହିଛନ୍ତି, ଆମର ଅନ୍ନଦାତା କୃଷକମାନେ ଆଶାଠାରୁ ଅଧିକ ଫସଲ ଉତ୍ପାଦନ ସୁନିଶ୍ଚିତ କରି କୃଷିକ୍ଷେତ୍ରରେ ଭାରତରକୁ ଆତ୍ମନିର୍ଭରଶୀଳ

କରିଛନ୍ତି । ରଣନୀତିକ ଯୋଜନା ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସଡ଼କ ଓ ରାଜପଥ, ରେଳପଥ ଓ ବନ୍ଦରର ନେଟ୍‌ୱାର୍କକୁ ବିସ୍ତାର କରିବାରେ ସାହାଯ୍ୟ କରିଛି ବୋଲି ରାଷ୍ଟ୍ରପତି ଦେଶବାସୀଙ୍କୁ କହିଛନ୍ତି । ଭବିଷ୍ୟତ୍‌ର ବୈଷୟିକ ଜ୍ଞାନକୌଶଳ ବିପୁଳ ସମ୍ଭାବନାକୁ ଦୃଷ୍ଟିରେ ରଖି ସରକାର ସେମିକଣ୍ଡକ୍ଟର ଏବଂ କୃତ୍ରିମ ବୁଦ୍ଧିମତାପାଇଁ ଅନେକ କ୍ଷେତ୍ରର ବିକାଶପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ଶ୍ରୀମତୀ ମୁର୍ମୁ ପ୍ରକାଶ କରିଛନ୍ତି ।

## ପି.ଏମ୍. - ଇଣ୍ଡିପେଣ୍ଡେନ୍ସ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାରେ ୭୮ତମ ସ୍ୱାଧୀନତା ଦିବସ ଅବସରରେ ଜାତୀୟ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ସମ୍ବୋଧନ କରିବେ । ଚଳିତ ବର୍ଷର ସ୍ୱାଧୀନତା ଦିବସର ବିଷୟ ରହିଛି "ବିକଶିତ ଭାରତ - ୨୦୪୭" । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଚଳିତ ବର୍ଷର ସ୍ୱାଧୀନତା ସମାରୋହ ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାପାଇଁ ଏକ ମଞ୍ଚ ଭାବେ କାର୍ଯ୍ୟ କରିବ । ଏହି ଅବସରରେ ଲାଲ୍‌କିଲ୍ଲାରେ ଏହି ଉତ୍ସବ ଦେଖିବାପାଇଁ ପ୍ରାୟ ୬ ହଜାର ସ୍ୱତନ୍ତ୍ର ଅତିଥିଙ୍କୁ ନିମନ୍ତ୍ରିତ କରାଯାଇଛି । ଯୁବା, ଆଦିବାସୀ ସମୁଦାୟ, କୃଷକ, ମହିଳାମାନେ ସ୍ୱତନ୍ତ୍ର ଅତିଥି ଭାବେ ଏହି ସମାରୋହରେ

ଯୋଗ ଦେବେ । ଦେଶର ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମାରୋହକୁ ନିମନ୍ତ୍ରଣ କରାଯାଇଛି। ନିକଟରେ ପ୍ୟାରିସ୍ ଅଲିମ୍ପିକ୍ସରେ ଭାଗ ନେଇ ସ୍ୱଦେଶ ଫେରିଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କୁ ମଧ୍ୟ ଏହି ସ୍ୱାଧୀନତା ସମାରୋହକୁ ନିମନ୍ତ୍ରଣ କରାଯାଇଛି ।  ଏହି ଭବ୍ୟ ସମାରୋହକୁ ଦେଖିବାପାଇଁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରାୟ ୨ ହଜାର ବ୍ୟକ୍ତି ପାରମ୍ପରିକ ବେଶଭୂଷାରେ ଏଥିରେ ଯୋଗଦେବେ । ମାଇଁ ଗଭ୍ ଏବଂ ଆକାଶବାଣୀର ସହଯୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ଅନ୍‌ଲାଇନ୍ ପ୍ରତିଯୋଗିତାର ବିଜୟୀମାନେ ଏହି ସମାରୋହରେ ଯୋଗଦେବେ । ଦେଶର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨ ହଜାର କ୍ୟାଡେଟ୍ ଏହି ସମାରୋହରେ ଅଂଶଗ୍ରହଣ କରିବେ ।

ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆସନ୍ତାକାଲି ସକାଳ ୭ରୁ ଆକାଶବାଣୀର ବିଭିନ୍ନ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ବିବିଧ ଭାରତୀ ରାଷ୍ଟ୍ରୀୟ ସେବା, ବିବିଧ ଭାରତୀ କେନ୍ଦ୍ର, ଆଞ୍ଚଳିକ ଆକାଶବାଣୀ କେନ୍ଦ୍ର, ଗୋଷ୍ଠୀ ବେତାର କେନ୍ଦ୍ର, ଏଫ୍.ଏମ୍. ରେନ୍‌ବୋ, ଏଫ୍.ଏମ୍. ଗୋଲ୍ଡ୍ ଏବଂ ଅନ୍ୟ ଏଫ୍.ଏମ୍. ଚ୍ୟାନେଲ୍ ସହିତ ଆକାଶବାଣୀର ସମସ୍ତ କେନ୍ଦ୍ରଗୁଡ଼ିକରେ ଏହି କାର୍ଯ୍ୟକ୍ରମ ପ୍ରଚାରଣ କରାଯିବ । ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଆକାଶବାଣୀର ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍, ଆକାଶବାଣୀ ଏ.ଆଇ.ଆର୍. ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରକାଯିବ ।

ଆକାଶବାଣୀର ସମସ୍ତ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆସନ୍ତାକାଲି ରାତି ସଢ଼େ ୯ଟା ସମୟରେ ପ୍ରସାରିତ ହେବ ।

ଲାଲ୍‌କିଲ୍ଲାରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଶେଷ ହେବା ପରେ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଆକାଶବାଣୀର ସମସ୍ତ କେନ୍ଦ୍ରର ମୁଖ୍ୟସମ୍ବାଦ ଏବଂ  ସମାଚାର ପ୍ରସାରିତ ହେବ ।

## ରାଜନାଥ - ଆର୍ମଡ୍ ଫୋର୍ସେସ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ସରକାର ଦେଶର ପ୍ରତିରକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାପାଇଁ ବହୁ ପଦକ୍ଷେପ ନେଇଛନ୍ତି । ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆକାଶବାଣୀରେ ଆଜି ସଶସ୍ତ୍ର ବାହିନୀକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ସ୍ୱଦେଶୀ କମ୍ପାନୀ ପାଖରୁ ୬ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର କ୍ରୟ କରାଯାଇଛି । ସେ କହିଛନ୍ତି, ଏହି ସମୟରେ ଦେଶର ପ୍ରତିରକ୍ଷା ବିଭାଗର ଅସ୍ତ୍ରଶସ୍ତ୍ର ଦ୍ୱିଗୁଣିତ ହୋଇଛି । ସେହିପରି ଘରୋଇ ପ୍ରତିରକ୍ଷା ଉତ୍ପାଦନ ମଧ୍ୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କା ଅତିକ୍ରମ କରିଛି ।

ମନ୍ତ୍ରୀ କହିଛନ୍ତି, ସମୟ ଥିଲା, ଭାରତ ବିଦେଶରୁ ଅସ୍ତ୍ରଶସ୍ତ୍ର ଆମଦାନୀ କରୁଥିବା ଦେଶ ଭାବରେ ପରିଗଣିତ ହେଉଥିଲା । ତେବେ ବର୍ତ୍ତମାନ ଏହା

ପରବର୍ତ୍ତନ ହୋଇ ରପ୍ତାନୀ କରୁଥିବା ଦେଶ ଭାବରେ ପରିଚିତ ହେଉଛି । ସେ କହିଛନ୍ତି, ଦେଶର ପ୍ରତିରକ୍ଷା ରପ୍ତାନୀ ୨୦୨୩-୨୪ ଆର୍ଥିକ ବର୍ଷରେ ୨୧ ହଜାର କୋଟି ଟଙ୍କାରେ ପହଞ୍ଚିଛି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଚଳିତ ବଜେଟ୍‌ରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ସରକାର ୬ ଲକ୍ଷ ୨୨ ହଜାର କୋଟି ଟଙ୍କା ଅର୍ଥ ଅନୁମୋଦନ କରିଛନ୍ତି, ଯାହା ଅନ୍ୟ ମନ୍ତ୍ରଣାଳୟ ଅପେକ୍ଷା ଅଧିକ । ଦେଶ ନିଜର ସ୍ୱଦେଶୀ ଜ୍ଞାନକୌଶଳରେ ଆତ୍ମନିର୍ଭରଶୀଳ ହୋଇ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ୍, ଯୁଦ୍ଧ ବିମାନ, ହେଲିକପ୍ଟର ଏବଂ କ୍ଷେପଣାସ୍ତ୍ରମାନ ନିର୍ମାଣ କରୁଛି । ଭାରତୀୟ ସେନାରେ ଯୁବାମାନଙ୍କୁ ଅଧିକ ନିଯୁକ୍ତି ପ୍ରଦାନ କରିବାପାଇଁ ସରକାର 'ଅଗ୍ନିପଥ ଯୋଜନା' ଆରମ୍ଭ କରିଛନ୍ତି, ଯାହାଫଳରେ ଯୁବାମାନଙ୍କୁ ସେନାବାହିନୀରେ ଅଧିକମାତ୍ରାରେ ଯୋଗଦେବାପାଇଁ ସୁଯୋଗ ମିଳୁଛି । ଏହି ଯୋଜନା ଅଧୀନରେ ପ୍ରଥମ ଦୁଇଟି ବ୍ୟାଚ୍‌ରେ ୪୦ ହଜାର ଅଗ୍ନିବୀର ପ୍ରଶିକ୍ଷଣ ଶେଷ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଯୋଗ ଦେବାପାଇଁ ଦେଶର ଯୁବାମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

## ଗ୍ୟାଲାଣ୍ଟ୍ରି ଆୱାର୍ଡ୍

ସ୍ୱାଧୀନତା ଦିବସ ଅବସରରେ ପୋଲିସ୍, ଅଗ୍ନିଶମ, ଗୃହରକ୍ଷୀ, ବେସାମରିକ ପ୍ରତିରକ୍ଷା ଆଦି ସେବାର ୧ ହଜାର ୩୭ ଜଣ କର୍ମଚାରୀଙ୍କୁ

ସାହସିକତା ଏବଂ ସେବା ପଦକ ପ୍ରଦାନ କରାଯାଇଛି । ତେଲଙ୍ଗାନା ପୋଲିସ୍‌ର ହେଡ୍ କନେଷ୍ଟବଲ ଚାଦୁଭୁ ଓ୍ୱାଦାହି ଙ୍କୁ ରାଷ୍ଟ୍ରପତିଙ୍କ ସାହସିକତା ପଦକ ପ୍ରଦାନ କରାଯାଇଛି । କର୍ତ୍ତବ୍ୟ ପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦନା କରିଥିବା ବ୍ୟକ୍ତିବିଶେଷଙ୍କୁ ଏହିସବୁ ପଦକ ପ୍ରଦାନ କରାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ୨୧୩ ଜଣଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଉଲ୍ଲେଖନୀୟ ସେବା ପାଇଁ ୯୪ ଜଣଙ୍କୁ, ୭୫ ଜଣଙ୍କୁ ପୋଲିସ୍ ସେବା, ୮ ଜଣଙ୍କୁ ଅଗ୍ନିସେବା, ୮ଜଣଙ୍କୁ ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସେବା ପଦକ ପ୍ରଦାନ କରାଯାଇଛି । ସେହିପରି ୭୨୯ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ ପ୍ରଦାନ କରାଯାଇଛି ।

ଜମ୍ମୁ ଓ କାଶ୍ମୀର ପୁଲିସ୍‌ର ୫୦ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ଉଲ୍ଲେଖନୀୟ ସେବାପାଇଁ ପଦକ ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରେ ଦୁଇ ଜଣ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ରାଷ୍ଟ୍ରପତିଙ୍କ ଅତି-ବିଶିଷ୍ଟ ସେବା ପଦକ ମିଳିଛି । ୩୧ ଜଣ ଜମ୍ମୁ ଓ କାଶ୍ମୀର ପୁଲିସ୍ କର୍ମଚାରୀଙ୍କୁ ସାହସିକତା ପଦକ ମିଳିଥିବାବେଳେ ୧୭ ଜଣ ଉଲ୍ଲେଖନୀୟ ସେବାପାଇଁ ପଦକ ମିଳିଛି । ଓଡ଼ିଶାର ଦୁଇ ଜଣ ପୁଲିସ୍ ଅଧିକାରୀ ସଚ୍ଚିଦାନନ୍ଦ ରଥ ଓ ସୁରେଶ ଦେବଦତ୍ତ ସିଂହଙ୍କୁ ରାଷ୍ଟ୍ରପତି ପୁଲିସ୍ ପଦକ ଏବଂ ୧୧ ଜଣ ପୁଲିସ୍ ପଦକ ପାଇବାକୁ ମନୋନୀତ ହୋଇଛନ୍ତି ।

## ଆର୍.ଏସ୍. - ଇଲେକ୍‌ସନ୍

ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ସମେତ ୯ଟି ରାଜ୍ୟର ୧୨ଟି ଆସନ ପାଇଁ ସେପ୍ଟେମ୍ବର ୩ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଆସନ୍ତା ୨୧ ତାରିଖରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି । ୨୨ ତାରିଖରେ ନାମାଙ୍କନପତ୍ରଗୁଡ଼ିକୁ ଯାଞ୍ଚ କରାଯାଇ ଚୂଡ଼ାନ୍ତ ପ୍ରାର୍ଥୀତାଲିକା ଘୋଷଣା କରାଯିବ । ୨୭ ତାରିଖ ସୁଦ୍ଧା ପ୍ରାର୍ଥୀମାନେ ମନୋନୟନପତ୍ର ପ୍ରତ୍ୟାହାର କରିପାରିବେ ବୋଲି ରାଜ୍ୟସଭା ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି ।

## ବାଂଲାଦେଶ - ଇଣ୍ଡିଆ ହାଇକମିଶନର

ବାଂଲାଦେଶରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ପ୍ରଣୟ ବର୍ମା ଆଜି ଢାକାରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଉପଦେଷ୍ଟା ମହମ୍ମଦ ତାଉହିଦ୍ ହୋସେନ୍‌ଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି, ଭାରତୀୟ ଉଚ୍ଚାୟୁକ୍ତ ବାଂଲାଦେଶ ସରକାରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

ଉଭୟ ଦେଶରେ ଶାନ୍ତି, ନିରାପତ୍ତା ଏବଂ ବିକାଶ ପ୍ରତିଷ୍ଠା କରିବାପାଇଁ ସେ ତାଙ୍କର ସହଯୋଗ କାମନା କରିଛନ୍ତି । ବୈଠକରେ ବାଂଲାଦେଶ ସରକାର ଭାରତୀୟ ଉଚ୍ଚାୟୁକ୍ତଙ୍କୁ ସେଠାକାର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବାଂଲାଦେଶ ଦ୍ୱିପକ୍ଷୀୟ ସମ୍ପର୍କକୁ ମଜବୁତ୍ କରିବାପାଇଁ ଭାରତ ସହ ମିଶି କାର୍ଯ୍ୟ କରିବାକୁ ଆଶା ପ୍ରକଟ କରୁଛି ବୋଲି ଶ୍ରୀ ହୋସେନ୍ କହିଛନ୍ତି । ଶ୍ରୀ ହୋସେନ୍ ବାଂଲାଦେଶରେ ବସବାସ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସହ ଅନ୍ୟମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଏହି ମଧ୍ୟବର୍ତ୍ତୀକାଳୀନ ସରକାର ପ୍ରତିଶ୍ରୁତିବଦ୍ଧ ।

## ଇ.ଡି. - ଡାଇରେକ୍ଟର

ବରିଷ୍ଠ ଆଇ.ଆର୍.ଏସ୍. ଅଧିକାରୀ ରାହୁଲ ନବୀନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି । ସେହି ପଦବୀରେ ସେ ଦୁଇ ବର୍ଷ କାର୍ଯ୍ୟ କରିବେ । କ୍ୟାବିନେଟ ନିଯୁକ୍ତି କମିଟି ଶ୍ରୀ ନବୀନଙ୍କ ନାମ ଅନୁମୋଦନ କରିଛି । ଶ୍ରୀ ନବୀନ ବର୍ତ୍ତମାନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି ।

*****